# Akashvani, Sambalpur

## SAMBALPURI NEWS EVENING BULLETIN

**30 June 2025- 7.02 pm- 7.12 pm.**

**********************************************

୧- ପୁରୀ ରଥଯାତ୍ରା ଦଲାଚକ୍‌ଟା ଘଟ୍‌ନାଥି ମୁଲ୍ ହେଲା ପ୍ରଶାସନିକ୍ ତଦନ୍ତ୍ ।

- ମାମ୍‌ଲାକେ ନେଇକରି ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କୁ ରାଜ୍ୟ ମାନବାଧିକାର୍ କମିଶନ୍ ର ଜବାବ୍ ତଲବ୍ ।

୨- ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ହେବା ମାହାପୁରୁମାନ୍‌କର୍ ବନକଲାଗି ନୀତି ।

- ଆଏବା କାଏଲ୍ ହେରା ପଂଚ୍‌ମୀ ଲାଗି କରାଯାଇଛେ ସ୍ୱତନ୍ତ୍ର ବ୍ୟବସ୍ଥା ।

୩- ବଢ୍‌ଲା ଯାତ୍ରୀବାହୀ ଟ୍ରେନ୍ ସେବାର୍ ମୂଳ ଭଡ଼ା ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ବଲେ ଆଏବା ୫ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ହେଇପାରେ ବର୍ଷା ।

ରଥ୍ଯାତ୍ରା ଦଲାଚକ୍ଟା ଘଟ୍ନା- ପ୍ରଶାସନିକ୍ ତଦନ୍ତ/ ପୁରୀ/ଏକ୍ସ

ଶ୍ରୀକ୍ଷେତ୍ର ପୁରୀ ନ ରଥଯାତ୍ରା ବେଲ୍କେ ଶରଧାବାଲି ଠାନେ ହେଇଥିବା ଦଲାଚକଟା ଘଟ୍ନାର୍ ଆଏଜ୍ ପ୍ରଶାସନିକ୍ ତଦନ୍ତ ମୁଲ୍ ହେଇଛେ । ତଦନ୍ତ ଦାୟିତ୍ୱ ପାଇଥିବା ଉନ୍ନୟନ୍ କମିଶନର୍ ଅନୁ ଗର୍ଗ ଆଏଜ୍ ଶ୍ରୀଗୁଣ୍ଡିଚା ମନ୍ଦିର୍କେ ପୁହୁଁଚିକରି ମୁଖ୍ୟ ପ୍ରଶାସକ ଆଉ ବରିଷ୍ଠ ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ୩୦ ଦିନ୍ ଭିତ୍ରେ ଶ୍ରୀମତୀ ଗର୍ଗ ରାଜ୍ୟ ସର୍କାର୍ଙ୍କୁ ତଦନ୍ତ୍ ରିପୋର୍ଟ ଦେବେ ବଲି ଜନାପଡ଼ିଛେ ।

(ଭଏସ୍ ଓଭର୍- ଅନୁ ଗର୍ଗ)

ସେଆଡ଼େ ଘଟ୍ନାକେ ନେଇକରି ରାଜ୍ୟ ମାନବାଧିକାର୍ କମିଶନ୍- ପୁରୀ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କୁ ନୋଟିସ୍ ଜାରି କରିକରି ଜବାବ୍ ତଲବ୍ କରିଛନ୍ । ଇତାର୍ସହେତେ ଆହତ୍ମାନ୍କୁ ଉଚିତ୍ ଚିକିତ୍ସା ସେବା ଯୁଗେଇ ଦେବାର୍କେ ରାଜ୍ୟ ସର୍କାର୍ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ବାହୁଡ଼ା ଯାତ୍ରାତକ୍ ଠିକ୍ ଭାବେ ପରିଚାଳନା କର୍ବାର୍ ଦିଗେ ପଦକ୍ଷେପ୍ ନେବାର୍କେ ମାନବାଧିକାର୍ କମିଶନ୍ - ରାଜ୍ୟ ସର୍କାର୍ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଆଡ଼ପ ଦର୍ଶନ୍- ବନକଲାଗି ନୀତି        ପୁରୀ ସମ୍ବାଦଦାତା

ଅଷାଢ଼ ମାସର୍ ଉଜଲ୍ ପଖର୍ ଚତୁର୍ଥୀ ଯୁକ୍ତ ପଂଚମୀ ତିଥି ନ ଆଏଜ୍ ଶ୍ରୀକ୍ଷେତ୍ର ପୁରୀ ଗୁଣ୍ଡିଚା ମନ୍ଦିର୍ ଠାନେ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ହେବା । ଦ୍ୱିତୀୟ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ରାତିର୍ ପାଖାପାଖି ୯ ବଜେନୁ ୨ ବଜେତକ୍ ଇ ନୀତି ଚାଲ୍‌ବା । ଇ ସମିଆଥି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ । ଚତୁର୍ଦ୍ଧା ମୂର୍ତି ଗଲାକାଏଲ୍ ଗୋଟିପହଣ୍ଡିଥି ଆଡ଼ପମଣ୍ଡପ୍‌କେ ବିଜେ କରିଛନ୍ । ଆଏଜ୍‌ଠାନୁ ଗୁଣ୍ଡିଚା ମନ୍ଦିର୍ ଜନ୍ମ ବେଦୀ ଠାନେ ମାହାପୁରୁମାନ୍‌କର୍ ଆଡ଼ପ ମଣ୍ଡପ୍ ଦର୍ଶନ୍ ମୁଲ୍ ହେଇଛେ । ଆଏଜ୍ ଆଡ଼ପ ମଣ୍ଡପ୍ ନ ଶ୍ରୀଜଗନ୍ନାଥ୍, ଶ୍ରୀ ବଳଭଦ୍ର ଆର୍ ଦେବୀ ସୁଭଦ୍ରାଙ୍କର୍ ମଇଲମ, ତଡ଼ପଲାଗି, ଅବକାଶ ପୂଜା ଉତ୍‌ରୁ ଅଧରପୋଛା ନୀତି ହେଇଥିଲା । ତାର୍ ଉତ୍‌ରୁ ଗୋପାଳବଲ୍ଲଭ ଭୋଗ କରାଯାଇଥିଲା । ସକାଳ ଧୂପଥି ପହେଲା ଆଡ଼ପ ଅବଢ଼ା ବାହାର୍‌ଲା ଉତ୍‌ରୁ ଭକ୍ତମାନେ ପାଇଥିଲେ । ଇ ବଛର୍ ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ପହେଲା କରି ମାହାପୁରୁମାନ୍‌କୁ ଜୈବିକ୍ ଚାଉଲ୍‌ଥି ତିଆର୍ ହେଇଥିବା ଅବଢ଼ା ଭୋଗ୍ ଲଗାଯାଇଛେ । ସେଆଡ଼େ ଆଏବା କାଏଲ୍ ହେବାର୍‌କେ ଥିବା ହେରାପଂଚ୍‌ମୀ ନୀତି ଲାଗି କରାଯାଇଛେ ଖାସ୍ ବ୍ୟବସ୍ଥା ।

ଟ୍ରେନ୍ ଯାତ୍ରୀଭଡ଼ା ବୃଦ୍ଧି ପି.ଆଇ.ବି.

ରେଲ୍ ମନ୍ତ୍ରଣାଳୟ ତରଫ୍ରୁ ଯାତ୍ରୀବାହୀ ଟ୍ରେନ୍ ସେବାର ମୂଳ ଭଡ଼ା ବଢ଼ାଯାଇଛେ । ଇ ବଢ଼୍ତି ଦାମ୍ ଆଏବା କାଏଲ୍ଠାନୁ ଲାଗୁ ହେବା । ମନ୍ତ୍ରଣାଳୟର୍ ସୂଚ୍ନା ଅନ୍ସାରେ ୫ ଶହ କିଲୋମିଟର୍ତକ୍ ଯାତ୍ରୀବାହୀ ଟ୍ରେନ୍ର ସାଧାରଣ୍ ଶ୍ରେଣୀର ଭଡ଼ା ନାଇଁ ବଢ଼େ । ସେନ୍ତା ୫ ଶହ ୧ କିଲୋମିଟର୍ନୁ ୧୫ ଶହ କିଲୋମିଟର୍ତକ୍ ଭଡ଼ା ୫ ଟଙ୍କା, ୧୫ ଶହ ୧ କିଲୋମିଟର୍ନୁ ୨ ହଜାର୍ ୫ ଶହ କିଲୋମିଟର୍ତକ୍ ୧୦ ଟଙ୍କା ଆଉ ୨ ହଜାର୍ ୫ ଶହ ୧ କିଲୋମିଟର୍ନୁ ୩ ହଜାର୍ କିଲୋମିଟର୍ତକ୍ ୧୫ ଟଙ୍କା ଭଡ଼ା ବଢ଼ାଯାଇଛେ । ସ୍ଲିପର୍ କ୍ଲାସ୍ ଆଉ ଫାଷ୍ଟକ୍ଲାସ୍ ଲାଗି କିଲୋମିଟର୍ ପିଛା ୫ ପଏସା ବଢ଼ାଯାଇଥିଲା ବେଲେ ମେଲ୍ ଆଉ ଏକ୍ସପ୍ରେସ୍ ଟ୍ରେନ୍ ଲାଗି କିଲୋମିଟର୍ ପିଛା ୧ ପଏସା ଲେଖା ବଢ଼ାଯାଇଛେ ।

ଶୀତଲ୍ଭଣ୍ଡାର୍ ତିଆର୍ ବୈଠକ୍ I&PR

ଚାଷୀମାନ୍କୁ ଭର୍ପୁର୍ ବଜାର୍ ସୁବିଧା ସଙ୍ଗେ ଉତ୍ପାଦିତ୍ ଦରବ୍ର ଉଚିତ୍ ଦାମ୍ ଦେବାର୍ ଆଉ ଫସଲ୍ ମହଜୁଦ୍ ରଖିବାର୍ ଦିଗ୍କେ ରାଜ୍ୟ ସର୍କାର୍ ଗୁରୁତ୍ୱ ଦଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ

ଶୀତଲ୍‌ଭଣ୍ଡାର୍ ଭିତିଭୂମି ବର୍‌କସ୍ କର୍‌ବାର୍ ଉପ୍‌ରେ ହେଇଥିବା ଗୁଟେ ବୈଠକ୍‌ଥି ଯୋଗ୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍, ଆଘୋ ଓଡ଼ିଶା ନ ଚାଷ୍ ହଉଥିବା ଖାଦ୍ୟ ନାଇଁ ପୁରୁଥାଇ । ମାତର୍‌କ ଇହାଦେ ଖାଦ୍ୟ ବହୁତ୍‌ଟେ ଅଗ୍‌ଲୁଛେ । ହେଥିର୍‌ଲାଗି ଚାଷୀମାନ୍‌କର୍ ଉତ୍ପାଦିତ୍ ଦରବ୍‌କେ ବଜାର୍ ଯୁଗେଇ ଦେବାର୍ ସହେତେ ଅଗ୍‌ଲୁଥିବା ଖାଦ୍ୟର୍ ସୁରକ୍ଷାର୍ ଲାଗି ସର୍‌କାର୍ ଫି' ସବ୍‌ଡିଭିଜନ୍ ନ ଶୀତଲ୍‌ଭଣ୍ଡାର୍ ତିଆର୍ କର୍‌ବାର୍ ପ୍ରକ୍ରିୟା ଜାରି ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ରାସନ୍‌କାର୍ଡ଼ ଇ-କେୱାଇସି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାସନ୍‌କାର୍ଡ଼ ହିତାଧିକାରୀମାନ୍‌କର୍ ଇ-କେୱାଇସି ଯାଂଚ୍ ତାରିଖ୍ ଆଏଜ୍ ଶେଷ୍ ହେଇଛେ । ଯେନ୍ ହିତାଧିକାରୀମାନେ ଆଏଜ୍‌ତକ୍ ଇ-କେୱାଇସି ଦାଖଲ୍ ନାଇଁ କରି ଆଏବା ୩ ମାସ୍‌ତକ୍ ସେମାନ୍‌କର୍ କାର୍ଡ଼ ରଦ୍ଦ କରାଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ୩ ମାସ୍ ଭିତ୍‌ରେ ଇ-କେୱାଇସି କର୍‌ଲା ଉତ୍‌ରୁ କାର୍ଡ଼ ଫେର୍‌ଘାଏ କାର୍ଯ୍ୟକ୍ଷମ୍ ହେବା । ଏବ୍‌ତକ୍ ୨୦ ଲାଖ୍ ୫୮ ହଜାର୍ ହିତାଧିକାରୀ ଇ-କେୱାଇସି ନାଇଁ କରିଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଡାଲୁଆ ଧାନ୍ ଘିନା ହି.ସ.

ରାଏଜେ ଡାଲୁଆ ଧାନ୍ ଘିନା ପ୍ରକ୍ରିୟା ଆଏଜ୍ ଶେଷ୍ ହେଉଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍, ଧାନ୍ ଘିନ୍‌ବାର୍ ସମୟସୀମା ବଢ଼ାବାର୍‌କେ ସର୍‌କାର୍‌ଙ୍କର୍ ପାଖେ କେନ୍‌ସି ପ୍ରସ୍ତାବ୍ ନାଇଁନ । ଅଦିନିଆ ବର୍ଷା ଲାଗି ନୁକ୍‌ସାନ୍ ଭୁଗିଥିବା ଚାଷୀମାନ୍‌କୁ ସର୍‌କାର୍ ସାହାଜ୍ ଯୁଗେଇ ଦେବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଶିମିଲିପାଲ୍ ଅଭୟାରଣ୍ୟ ବନ୍ଦ୍ ହି.ସ.

ଶିମିଲିପାଲ୍ ଅଭୟାରଣ୍ୟ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ଆଏବା କାଏଲ୍‌ଠାନୁ ବନ୍ଦ୍ ରହେବା । ଶିମିଲିପାଲ୍ ବ୍ୟାଘ୍ର ସଂରକ୍ଷଣ୍ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଇ ସୂଚ୍‌ନା ଦିଆଯାଇଛେ ।

ଆକାଶବାଣୀ ଅଧିକାରୀ ଅବସର ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ଡିଜେଲ୍ ଟେକ୍ନିସିଆନ୍ ବୁଧୁଆ କିଣ୍ଡୋ ଆଏଜ୍ ଚାକିରୀ ନୁ ଅବସର ନେଇଛନ୍ ।

ଶ୍ରୀ କିଣ୍ଡୋ ୧୯୯୨ ସାଲୁ ଆକାଶବାଣୀ କଟକ୍ କେନ୍ଦ୍ର ନୁ ତାଙ୍କର୍ ଚାକିରୀ ଜୀବନ୍ ଆରମ୍ଭ କରିଥିବାର୍ ବେଳେ ୨୦୧୩ ସାଲେ ଆକାଶବାଣୀ ସମ୍ବଲପୁର୍ କେନ୍ଦ୍ର ନ ଯୋଗ୍ ଦେଇଥିଲେ । ଆଏଜ୍ ଆକାଶବାଣୀ ରିକ୍ରିଏସନ୍ କ୍ଲବ୍ ତର୍ଫୁ ସମ୍ବଲପୁର୍ କେନ୍ଦ୍ର ନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇଥି କେନ୍ଦ୍ରର୍ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟ  ଆଉ ଅଭିଯାନ୍ତ୍ରିକ ମୁଖ୍ୟ ତପନ୍ କୁମାର୍ ପଟ୍ଟନାୟକ୍ ବିଦାୟକାଳୀନ ସମ୍ବର୍ଦ୍ଧନା ଜନେଇଥିଲେ । ସଭାକେ ରିକ୍ରିଏସନ୍ କ୍ଲବ୍ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଳନା କରିଥିଲେ ଆଉ କାର୍ଯ୍ୟକ୍ରମ୍ ଅଧିକାରୀ ସନ୍ତୋଷ୍ ପିଙ୍ଗ୍ ଧନ୍ୟବାଦ୍ ଦେଇଥିଲେ ।

ମିଳିତ୍ ଜନ ଅଭିଯୋଗ୍ ଶୁଣାଣି

ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍/ବର୍ଗଡ଼୍/ନୂଆପଡ଼ା/ଦେବ୍ଗଡ଼୍/କଳାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ୍ମାନେ ମିଳିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସମ୍ବଲପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ମିଳିତ୍ ଜନଶୁଣାଣି ଶିବିର୍ଥି ୪୪ ଟା ଅଭିଯୋଗ୍ ଆସିଥିବାର୍ ବେଳେ ୩ ଟା ଅଭିଯୋଗ୍ର ତୁର୍ତି ସମାଧାନ୍

କରାଯାଇଥିଲା । ବାକି ଅଭିଯୋଗ୍ ମାନ୍‌କର୍ ଜଲ୍‌ଦି ସମାଧାନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୨୯ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ଼୍ ଜିଲ୍ଲା ଭଟ୍‌ଲି ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୪ ଟା ଅଭିଯୋଗ୍ ଆଗତ୍ ହେଇଥିଲା ସେଥିର୍‌ଭିତ୍‌ରୁ ୨ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଠାନେ ହେଇଥିବା ଜନଅଭିଯୋଗ୍ ଶୁଣାଣି ଶିବିର୍‌ଥି ୨୪ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ବର୍‌ଗାଁ ପଂଚାୟତ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୨୨ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୭ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୪ ଟା ଅଭିଯୋଗ୍ ଆସିଥିଲା । ଶିବିରଥି

୯ନେ ଦିବ୍ୟାଙ୍ଗଙ୍କୁ ରେଡ଼କ୍ରସ୍ ପାଣ୍ଠିନୁ ୫ ହଜାର୍ ଟଙ୍କା ତୁର୍ତି ସାହଜ୍ ଦିଆୟାଇଥିଲା । ବାକି ଅଭିଯୋଗ୍ ମାନ୍‌କର୍ ତୁର୍ତି ସମାଧାନ୍ କର୍‌ବାର୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କ୍ଷୁଦ୍ର ଗ୍ରହ ଦିବସ ଆର୍‌ଏନ୍‌ୟୁ/ କଟକ୍

ବ୍ରହ୍ମାଣ୍ଡ ନ ଛୋଟ୍ ଗ୍ରହ ଆଉ ସେମାନ୍‌କର୍ ପ୍ରଭାବ୍‌ଥି ହେଉଥିବା ବିପଦ୍ ମାନ୍‌କର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ବିଶ୍ୱ କ୍ଷୁଦ୍ର ଗ୍ରହ ଦିବସ୍ । ୨୦୧୬ ମସିହା ଆଝିରର୍ ଦିନେ ମିଲିତ ଜାତିସଂଘ ତର୍‌ଫୁ ବିଶ୍ୱ କ୍ଷୁଦ୍ର ଗ୍ରହ ଦିବସ୍ ପାଲନ୍ ଲାଗି ଘୋଷ୍‌ନା କରାୟାଇଥିଲା । କ୍ଷୁଦ୍ର ଗ୍ରହ ହେଉଛେ ଗୁଟେ ଛୋଟ୍ ପଥର୍ ପିଣ୍ଡ ଯେନ୍‌ଟାକି ସୂର୍ଯ୍ୟର୍ ଚାର୍‌ହିଆଡ଼େ ଘୂରି ବୁଲୁଥିସନ୍ । ୧୯୦୮ ମସିହା ବେଲ୍‌କେ ସାଇବେରିଆର୍ ଟୁଙ୍ଗୁସ୍କା ନଦୀ ପାଖେ ଛୋଟ୍ ଗ୍ରହ ମାଡ଼୍ ହେବାର୍‌ନୁ ଗୁଟେ ବଡ଼୍ ବିସ୍ଫୋରଣ୍ ହେଇଥିଲା, ଯେନ୍‌ଟାକି ଜାପାନ୍‌ର ହିରୋସିମା ଠାନେ ମାଡ଼୍ ହେଇଥିବା । ପରମାଣୁ ବିସ୍ଫୋରଣ୍ ପାଖାପାଖି ଶହେ ୮୫ ଗୁନା ଅଏତ୍‌କା ଶକ୍ତିଶାଳୀ ଥିଲା । ଇତାର୍ ପ୍ରଭାବ୍‌ଥି ୮ ଶହ ୩୦ ବର୍ଗ ମାଇଲ୍ ଇଲାକା ନ ଗଛ୍‌ଖୁଂଟ୍ ନଷ୍ଟ

ହେଇଥିଲା । ଇ ଘଟ୍ନା ଉତ୍ରୁ ଲୁକ୍କୁ କ୍ଷୁଦ୍ର ଗ୍ରହର୍ ଘାତକ୍ ପ୍ରଭାବ୍ ବାବ୍ଦେ ସଚେତନ୍ କର୍ବାର୍ ଲକ୍ଷ୍ୟଥି ଆଜିରର୍ ଦିନେ ବିଶ୍ୱ କ୍ଷୁଦ୍ର ଗ୍ରହ ଦିବସ୍ ପାଲନ୍ କରାଯାଉଛେ ।

ସାମାଜିକ୍ ଗଣମାଧ୍ୟମ୍ ଦିବସ୍        ଆର୍ଏନ୍ୟୁ/ ସମ୍ବଲପୁର

ସାମାଜିକ୍ ଗଣମାଧ୍ୟମ୍ର ଗୁରୁତ୍ୱ ବାବ୍ଦେ ଲୁକ୍କୁ ଜନାବାର୍ ଲକ୍ଷ୍ୟଥି ଫି' ବଛର୍ ଜୁନ୍ ୩୦ ତାରିଖ୍ ବିଶ୍ୱ ସାମାଜିକ୍ ଗଣମାଧ୍ୟମ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୧୦ ମସିହା ଜୁନ୍ ମାସର୍ ୩୦ ତାରିଖ୍ ପହେଲା ସାମାଜିକ୍ ଗଣମାଧ୍ୟମ୍ ଦିବସ୍ ପାଲନ୍ କରାଯାଇଥିଲା । ଇହାଦେ ପୁର୍ଥିର୍ ୫୮ ପ୍ରତିଶତ୍ନୁ ଅଏତ୍କା ଲୋକ୍ ସାମାଜିକ୍ ଗଣମାଧ୍ୟମ୍ ବେଭାର୍ କରୁଥିବାର୍ ବେଲେ ଭାରତ୍ର ୪୭ ପ୍ରତିଶତ୍ ଲୋକ୍ ସାମାଜିକ୍ ଗଣମାଧ୍ୟମ୍ ବେଭାର୍ କରୁଥିବାର୍ ଜନାପଡ଼ିଛେ ।

ଶିଶୁମନ୍ଦିର୍- ପରିଚୟ ବର୍ଗ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ସରସ୍ୱତୀ ବିଦ୍ୟାମନ୍ଦିର୍ ଠାନେ ରାଷ୍ଟ୍ର ସେବିକା ସମିତିର୍ ଦିନ୍କିଆ ପରିଚୟ ବର୍ଗ ହେଇଯାଇଛେ । ସମାବେଶ୍ଥି ଭିନ୍ ଭିନ୍ ଇଲାକାର୍ ୫୦ ଝନ୍ ସଦସ୍ୟ

ଯୋଗ୍ ଦେଇଥିଲେ । ମୁଖ୍ୟ ପ୍ରଶିକ୍ଷିକା ରଶ୍ମିତା ମେହେର୍ ଆଉ ପ୍ରଶିକ୍ଷିକା ମାନେ ଯୋଗ୍ ଦେଇକରି ସଦସ୍ୟାମାନ୍କୁ ବ୍ୟାୟାମ୍, ଯୋଗ, ସମତା, ସୂକ୍ଷ୍ମ ବ୍ୟାୟାମ, ଗୀତ, ବୌଦ୍ଧିକ ଚର୍ଚ୍ଚା, ପ୍ରାର୍ଥନା ତାଲିମ୍ ଦେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ର ବଲେ ରାଜ୍ୟର୍ ବଡ଼୍ଭାଗୀ ଜାଗା ନ ଜବର୍ ବର୍ଷା ଲାଗି ରହିଛେ । ଆଏବା ୫ ତାରିଖ୍ତକ୍ ଏନ୍ତା ବର୍ଷା ଲାଗି ରହେବା । ରାଜ୍ୟର୍ ଉତର୍ ଭାଗେ ଆହୁରି ବଡ଼୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।